# "ପୁଅ ଯିବ ମୋର ମୁଖାଗ୍ନି ଦେବା ସମୟରେ" !

ମୋର ନାମ ପ୍ରକାଶ କୁମାର ସ୍ୱାଇଁ (ଛଦ୍ମନାମ) । ଘର ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ଥାନା ଅଞ୍ଚଳରେ । ମୁଁ ଅତ୍ୟନ୍ତ ଗରୀବ ପରିବାରର ଅଟେ । ବାପା ମୋର ଗୃଷ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ । ବହୁ କଷ୍ଟରେ ମୁଁ ମାଟ୍ରିକ୍ ପର୍ଯ୍ୟନ୍ତ ପାଠ ପଢ଼ିଲି । ବାପାଙ୍କର ଆମେ ଦୁଇ ପୁଅ । ଆମ ଘରଠାରୁ ମାତ୍ର ସାତ କି.ମି. ଦୂରରେ ମୋର ବାହାଘର ଠିକ୍ ହେଲା । ତା-୧୧-୦୨-୨୦୧୫ରିଖ ଦିନ ହିନ୍ଦୁ ବୈଦିକ ରିତି ଅନୁସାରେ ମୋର ବାହାଘର ସମ୍ପର୍ଣ୍ଣ ହୋଇଥିଲା । ମୋର ଶ୍ୱଶୁର ସର୍ବଦା ମଦ୍ୟପାନ କରନ୍ତି । ଫଳରେ ଶ୍ୱଶୁର ଘର ଆର୍ଥିକ ଅବସ୍ଥା ସମ୍ପୂର୍ଣ୍ଣ ଖରାପ୍ ଅଟେ । ମୁଁ ଭୁବନେଶ୍ୱରରେ ଜୈନିକ ଲୋକଙ୍କ ଘରେ ଗାଡ଼ି ଚଲାଏ । ମୋର ଦରମା ମାତ୍ର ଛଅ ହଜାର ଟଙ୍କା ଅଟେ । ଘରେ ପାଟିତୁଣ୍ଡ ହୋହଲା କରିବାରୁ ବାଧ ହୋଇ ମୁଁ ସ୍ତ୍ରୀକୁ ଆଣି ଭୁବନେଶ୍ୱରରେ ରଖିଲି । ଏଠି ମଧ ସେଇ ଏକା ଅବସ୍ଥା । ତାଙ୍କ ବାପା ମା'ଙ୍କୁ ପଇସା ଦେବା ପାଇଁ ସବୁବେଳେ ସ୍ତ୍ରୀ ଘରେ ଜାଣିଶୁଣି ଅଶାନ୍ତି କରୁଛି । ରୋଷେଇବାସ ମଧ ଠିକ୍‌ରେ କରୁନାହିଁ । ଫଳରେ ବେଳେବେଳେ ଛୋଟ ଛୋଟ କଥାରେ ଝଗଡ଼ା ହୁଏ । ଇତି ମଧରେ ଆମର ମଧ ଦଶ ମାସର ଏକ ପୁତ୍ର ସନ୍ତାନ ରହିଛି । ମୋ ଶ୍ୱଶୁରଙ୍କ ଘରକୁ ପଇସା ପଠାଇବାକୁ ନେଇ ଜୁନ୍ ମାସରେ ପାଟିତୁଣ୍ଡ ଲାଗିଲା । ସେ ସଙ୍ଗେ ସଙ୍ଗେ ଜଣେ ମଟର ସାଇକେଲ୍ ବାଲାଙ୍କୁ ଫୋନ୍ କରି ଡକାଇଲା, ସେଠାରୁ ସିଧା ଯାଇ ମୋ ନାମରେ ଖୋର୍ଦ୍ଧା ଥାନାରେ ଅଭିଯୋଗ କଲେ ଯେ, ମୁଁ ବାଡ଼ାମରା କରି ତାଙ୍କୁ ଘରୁ ତଡ଼ି ଦେଇଛି । ଥାନାରୁ ମୋତେ ଡକରା ଆସିଲା । ମୁଁ ଥାନା ବାବୁଙ୍କ ଆଦେଶ ମୁତାବକ ପୁଅକୁ ନେଇ ସେଠାରେ ପହଞ୍ଚିଲି । ଥାନା ବାବୁ କୌଣସି କଥାକୁ କର୍ଣ୍ଣପାତ ନକରି ମତେ ୧୫ ମିନିଣ୍ଟ୍ କାଳ ଅଭଦ୍ର ଭାଷାରେ ଗାଳି ଗୁଲଜ୍ କଲେ । ଜେଲ୍‌କୁ ପଠାଇଦେବେ ବୋଲି ଧମକ ଦେଲେ । ସ୍ତ୍ରୀକୁ ସେହି ଅଜଣା ବ୍ୟକ୍ତି ଦ୍ୱାରା ଥାନାରୁ ଛାଡ଼ି ଦେଲେ । ମୋରି ଆଖି ଆଗରେ ମୋ ସ୍ତ୍ରୀ ମୋ ପିଲା ସେହିଦିନଠାରୁ ମୋ ପାଖରୁ ଦୂରେଇ ଗଲେ । ଫୋନ୍ କଲେ କିମ୍ବା ଡାକିବାକୁ ଗଲେ, ସ୍ତ୍ରୀର ଅଭଦ୍ର ଭାଷାରେ ଗାଳିଗୁଲଜ୍ କରୁଛି, ଯାହା ସହିବା ବଡ଼ କଷ୍ଟକର କଥା । ମୁଁ ଗାଡ଼ି ଚଲାଉଥିବା ସମୟରେ ମନସ୍ଥିର ହୋଇ ରହୁନାହିଁ । ସର୍ବଦା ମୋ ପୁଅ କଥା ମନେ ପଡୁଛି । ପୁଅ ସହିତ କଥାବାର୍ତ୍ତା କରିବା ପାଇଁ ଫୋନ୍ କଲେ ସ୍ତ୍ରୀ କହୁଛି "ପୁଅ ଯିବ ମୋର ମୁଖାଗ୍ନି ଦେବା ସମୟରେ" । ଏ ବିଷୟରେ ଆଇନିଜୀବୀଙ୍କୁ ଯୋଗାଯୋଗ କରିବାରୁ ସେ ମଧ କହିଲେ, ପିଲା ବଡ଼ ନହେବା ପର୍ଯ୍ୟନ୍ତ "ମା" ପାଖରୁ ତାକୁ କେହି ଅଲଗା କରିପାରିବେ ନାହିଁ । ଏଭଳି ପରିସ୍ଥିତିରେ ମୁଁ କଣ ଯେ କରିବି କିଛି ବୁଦ୍ଧିବାଟ ଦିସୁନାହିଁ । ଧନ୍ୟ ଏ ଦେଶର ଆଇନ୍ ବ୍ୟବସ୍ଥା । ବାପା ମା'ର ଛୁଆ ଉପରେ ସମାନ ଅଧିକାର ରହିବା କଥା । ଏ ଦେଶର ଅନ୍ଧ ଆଇନ୍ ମା ପାଖରେ ଛୁଆକୁ ଛାଡ଼ି ଦେଉଛି । ବାପାର ଛୁଆ ଜନ୍ମଦେବା ପଛରେ କଣ କୌଣସି ଭୂମିକା ନାହିଁ........ ? ? ?

ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯

ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।